# NATIONAL NEWS BULLETIN (ODIA)
## 11 October - 2024
## Evening Bulletin : 7.15 p.m.

**********************************

## ମୁଖ୍ୟ ସମ୍ବାଦ

- ଦୁଇ ଦିନିଆ ଲାଓସ୍ ଗସ୍ତ ଶେଷ କରି ଭାରତ ପ୍ରତ୍ୟାବର୍ତ୍ତନ କରୁଛନ୍ତି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ।

– ଭାରତ ଓ ଲାଓସ୍ ମଧ୍ୟରେ ସ୍ୱାକ୍ଷରିତ ହେଲା ୬ଟି ବୁଝାମଣାପତ୍ର ।

- ଭାରତୀୟ ସ୍ଥଳ ସେନା ପ୍ରସ୍ତୁତ କଲା ଟି-୯୦ ଭିଷ୍ମ ଟ୍ୟାଙ୍କ୍‌ର ନୂତନ ସଂସ୍କରଣ ।
- ଲେବାନନ୍‌ର ସାମ୍ପ୍ରତିକ ସ୍ଥିତିକୁ ନେଇ ଚିନ୍ତା ପ୍ରକଟ କଲା ଭାରତ ।
- ଜାପାନ୍‌ର ନିହନ ହିଡାମ୍‌କୋ ସଂସ୍ଥାକୁ ୨୦୨୪ ବର୍ଷ ପାଇଁ ମିଳିବ ଶାନ୍ତି କ୍ଷେତ୍ରରେ ନୋବେଲ୍ ପୁରସ୍କାର ।

ଏବଂ

- ସାରା ଦେଶରେ ଆନନ୍ଦ ଉତ୍ସାହର ସହ ପାଳିତ ହେଉଛି ଦୁର୍ଗାପୂଜା ।

# ପ୍ରଧାନମନ୍ତ୍ରୀ

ଭାରତ ଓ ଲାଓସ୍‌ର ପିପୁଲ୍ ଡେମୋକ୍ରାଟିକ୍ ରିପବ୍ଲିକ୍ **(LAO PDR)** ମଧ୍ୟରେ ଆଜି ୬ଟି ବୁଝାମଣା ଓ ଚୁକ୍ତିପତ୍ର ସ୍ୱାକ୍ଷରିତ ହୋଇଛି । ସେଗୁଡ଼ିକ ମଧ୍ୟରେ ପ୍ରତିରକ୍ଷା ସହ ଭାଗିତା, ସୀମା ଶୁଳ୍କ, ଧ୍ୱନୀ-ଦୃଶ୍ୟ ଏବଂ ଐତିହ୍ୟ ସଂରକ୍ଷଣ ଆଦି ରହିଛି । ଭାରତ-ଜାତିସଂଘ ବିକାଶ ଭାଗିଦାରି ପାଣ୍ଠି ମାଧ୍ୟମରେ ଲାଓସରେ ପୋଷଣ ନିରାପତ୍ତା ବୃଦ୍ଧି ଲକ୍ଷ୍ୟରେ ଭାରତ ପକ୍ଷରୁ ୧ ନିୟୁତ ଆମେରିକୀୟ ଡଲାର ସହାୟତା ରାଶି ଯୋଗାଇ ଦେବା ପାଇଁ ନିଷ୍ପତ୍ତି ହୋଇଛି । ଏହି ବୁଝାମଣାପତ୍ର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଏବଂ ତାଙ୍କ **LAO PDR** ପ୍ରତିପକ୍ଷ ସୋନେକ୍ସାୟ ସିଫାଣ୍ଡୋନ୍‌ଙ୍କ ଉପସ୍ଥିତିରେ ଭିଏଣ୍ଟିଆନା ଠାରେ ସ୍ୱାକ୍ଷରିତ ହୋଇଛି ।

ଲାଓସ୍ ଗସ୍ତର ଦ୍ୱିତୀୟ ଦିନରେ ପ୍ରଧାନମନ୍ତ୍ରୀ ମୋଦୀ **LAO PDR** ରାଷ୍ଟ୍ରପତି ଥୋଙ୍ଗଲୁନ୍ ସିସୋଉଲିଥ୍‌ଙ୍କୁ ଆଜି ଭିଏଣ୍ଟିଆନାରେ ସାକ୍ଷାତ କରିଛନ୍ତି । ଏହି ଅବସରରେ ଶ୍ରୀ ମୋଦୀ, ରାଷ୍ଟ୍ରପତି ସିସୋଉଲିଥ୍‌ଙ୍କୁ ଆସିଆନ୍ ଏବଂ ପୂର୍ବ ଏସିଆ ସମ୍ମିଳନୀର ସଫଳ ଆୟୋଜନ ପାଇଁ ଧନ୍ୟବାଦ ଜଣାଇବା ସହ ଉଭୟ ନେତାଙ୍କ ମଧ୍ୟରେ ଦ୍ୱିପାକ୍ଷିକ ସଂପର୍କ ଓ ଭାଗିଦାରିକୁ ସଶକ୍ତ କରିବା ନେଇ ସେମାନଙ୍କର ପ୍ରତିଶ୍ରୁତିବଦ୍ଧତା ଉପରେ ଆଲୋଚନା ହୋଇଛି । ରାଷ୍ଟ୍ରପତି ସିସୋଉଲିଥ୍ **LAO PDR** ରେ

ଘୂର୍ଣ୍ଣିଝଡ଼ ୟାଗି ପ୍ରଭାବରେ ହୋଇଥିବା ବନ୍ୟା ପ୍ରଭାବିତ ଅଞ୍ଚଳରେ ଭାରତର ମାନବୀୟ ସହାୟତା ପ୍ରଦାନ ପାଇଁ ପ୍ରଧାନମନ୍ତ୍ରୀ ମୋଦୀଙ୍କୁ ଧନ୍ୟବାଦ ଜଣାଇଥିଲେ । ପ୍ରଧାନମନ୍ତ୍ରୀ ମୋଦୀ **LAO PDR** ର ପ୍ରଧାନମନ୍ତ୍ରୀ ସୋନେକ୍ସାୟ ସିଫାଣ୍ଡୋନ୍‌ଙ୍କ ସହ ଭିଏଣ୍ଟିଆନା ଠାରେ ସାକ୍ଷାତ ଆଲୋଚନା କରିଛନ୍ତି । ଉଭୟ ନେତାଙ୍କ ମଧ୍ୟରେ ଦ୍ୱିପାକ୍ଷିକ ସହଭାଗିତାର ବିଭିନ୍ନ ଦିଗ ଉପରେ ଆଲୋଚନା ହୋଇଛି । ସେଗୁଡ଼ିକ ମଧ୍ୟରେ ବିକାଶ ସହଭାଗିତା, କ୍ଷମତା ନିର୍ମାଣ, ବିପର୍ଯ୍ୟୟ ପରିଚାଳନା, ଅକ୍ଷୟ ଶକ୍ତି, ଐତିହ୍ୟ, ପୁନରୁଦ୍ଧାର, ଅର୍ଥନୈତିକ ସଂପର୍କ, ପ୍ରତିରକ୍ଷା ଭାଗିଦାରି ଏବଂ ଜନସଂପର୍କ ରହିଛି । ବୈଠକ ଶେଷ ହେବା ପରେ ପ୍ରଧାନମନ୍ତ୍ରୀ ଭାରତ ପ୍ରତ୍ୟାବର୍ତ୍ତ କରୁଛନ୍ତି ।

ପୂର୍ବରୁ ଭିଏଣ୍ଟିଆନା ଠାରେ ୧୯ତମ ପୂର୍ବ ଏସିଆ ସମ୍ମିଳନୀକୁ ସମ୍ବୋଧିତ କରି ପ୍ରଧାନମନ୍ତ୍ରୀ ମୋଦୀ ଏକ ମୁକ୍ତ, ଅନ୍ତର୍ଭୁକ୍ତି ସମ୍ପନ୍ନ, ସମୃଦ୍ଧ ଏବଂ ନିୟମ ଆଧାରିତ ଭାରତ-ପ୍ରଶାନ୍ତ ମହାସାଗରୀୟ କ୍ଷେତ୍ରର ଆବଶ୍ୟକତା ଉପରେ ଗୁରୁତ୍ୱାରୋପ କରିଥିଲେ । ଦକ୍ଷିଣ ଚୀନ୍ ସାଗର ଅଞ୍ଚଳରେ ଶାନ୍ତି, ସ୍ଥିରତା ଏବଂ ସୁରକ୍ଷା ହୋଇପାରିଲେ ଭାରତ-ପ୍ରଶାନ୍ତ ମହାସାଗରୀୟ କ୍ଷେତ୍ରରେ ଅଭୁତପୂର୍ବ ବିକାଶ ଘଟିବ ବୋଲି ମତ ରଖିଥିଲେ ।

# ଟି-୯୦ ଟ୍ୟାଙ୍କ୍

ଭାରତୀୟ ସ୍ଥଳସେନା ଆତ୍ମନିର୍ଭରତା ଦିଗରେ ଆଉ ଏକ ସଫଳତା ହାସଲ ପୂର୍ବକ T-90 ଭୀଷ୍ମ ଟ୍ୟାଙ୍କ୍‌ର ନୂଆ ସଂସ୍କରଣ ପ୍ରସ୍ତୁତ କରିଛି । ୨୦୦୩ ମସିହାରେ ଟ୍ୟାଙ୍କ T-90 ଭୀଷ୍ମ ନିଜର ଗତି, ସୁରକ୍ଷା ଏବଂ ଶତ୍ରୁପକ୍ଷ ଉପରେ ଆକ୍ରମଣ ମାନକ ଯୋଗୁଁ ପ୍ରମୁଖ ଯୁଦ୍ଧ ଟ୍ୟାଙ୍କ୍ ଭାବେ ଜଣାଶୁଣା ଥିଲା । ଏବେ ଏହି ଟ୍ୟାଙ୍କ୍‌ର ନୂଆସଂସ୍କରଣକୁ ଅଧିକ ଆକ୍ରମଣାତ୍ମକ ଏବଂ ଶକ୍ତିଶାଳୀ କରାଯାଇଛି । ସ୍ଥଳସେନା ଅଧ୍ୟକ୍ଷ ଜେନେରାଲ୍ ଉପେନ୍ଦ୍ର ଦ୍ୱିବେଦୀ T-90 ଭୀଷ୍ମ ଟ୍ୟାଙ୍କ୍‌କୁ ସ୍ଥଳସେନାରେ ସାମିଲ କରିଛନ୍ତି । ଏହି ଟ୍ୟାଙ୍କ ଦିଲ୍ଲୀର ଛାଉଣୀ ୫୦୫ ଆର୍ମି ବେସ୍ କାରଖାନାରେ ପ୍ରସ୍ତୁତ କରାଯାଇଛି ।

ପାଖାପାଖି ୪୭ ଟନ୍ ଓଜନ ବିଶିଷ୍ଟ ଏହି ଟ୍ୟାଙ୍କ ୯ ଦଶମିକ ୬ ମିଟର ଲମ୍ବା ଏବଂ ୨ ଦଶମିକ ୮ ମିଟର ଚଉଡ଼ା ଅଟେ । ଛୋଟ ଆକାର ଯୋଗୁଁ ଏହି ଟ୍ୟାଙ୍କ ଜଙ୍ଗଲ, ପାହାଡ଼ ଏବଂ ସନ୍ତସନ୍ତିଆ ଅଞ୍ଚଳରେ ମଧ୍ୟ ଘଣ୍ଟା ପ୍ରତି ୬୦ କିଲୋମିଟର ବେଗରେ ଗତିକରି ପାରିବ । ଟ୍ୟାଙ୍କ୍‌ରେ ୧୨୫ ମିଲିମିଟର ବିଶିଷ୍ଟ ସ୍ମୁଥ୍ ବୋର୍ ବନ୍ଧୁକ ଲଗାଯାଇଛି ।

ସୂଚନା ମୁତାବକ, ଭୀଷ୍ମ ଟ୍ୟାଙ୍କ୍‌ର ଏହି ନୂତନ ସଂସ୍କରଣରେ ଆଣ୍ଟି ଏୟାରକ୍ରାପ୍ଟ ଗନ୍ ବ୍ୟବହାର କରାଯାଇଛି, ଯାହା ୨ କିଲୋମିଟର ପର୍ଯ୍ୟନ୍ତ ଲକ୍ଷ୍ୟଭେଦ କରିପାରିବ ।

# ଦୁର୍ଗାପୂଜା

ସାରା ଦେଶରେ ଦୁର୍ଗାପୂଜା ଉତ୍ସବ ଆନନ୍ଦ ଉଲ୍ଲାସର ସହ ପାଳିତ ହେଉଛି। ଶାରଦୀୟ ନବରାତ୍ରରେ ଆଜି ମହାଷ୍ଟମୀ ଏବଂ ମହାନବମୀ ଅବସରରେ ମା’ ଦୁର୍ଗାଙ୍କ ସ୍ୱରୂପ ମହାଗୌରୀ ଓ ସିଦ୍ଧିଦାତ୍ରୀଙ୍କ ଭକ୍ତିସହକାରେ ପୂଜାର୍ଚ୍ଚନା କରାଯାଉଛି । ଏହି ପର୍ବ ଉପଲକ୍ଷେ କେତେକ ସ୍ଥାନରେ କନ୍ୟାପୂଜନ କରାଯାଉଥିବା ପରମ୍ପରା ରହିଛି । ଦେଶର ବିଭିନ୍ନ ଭାଗରେ ପୂଜା ମଣ୍ଡପଗୁଡ଼ିକୁ ରଙ୍ଗୀନ ଆଲୋକମାଳାରେ ସଜାଯାଇଛି । ବହୁସଂଖ୍ୟାରେ ଶ୍ରଦ୍ଧାଳୁମାନେ ମାଆ ଦୁର୍ଗାଙ୍କ ଦର୍ଶନ କରୁଛନ୍ତି ।

ଓଡ଼ିଶାର କଟକ ସହରରେ ଦୁର୍ଗା ପୂଜା ଭକ୍ତି ଓ ଶ୍ରଦ୍ଧାର ସହ ଜାକଜମକରେ ଅନୁଷ୍ଠିତ ହେଉଛି । ପୂଜା ମଣ୍ଡପ ଗୁଡ଼ିକରେ ଦୁର୍ଗାପୂଜାର ରୀତିନୀତି ଅନୁସାରେ ପୂଜା ଚାଲିଛି । ରାଜ୍ୟର ବିଭିନ୍ନ ସ୍ଥାନରୁ ତଥା ବାହାରୁ ଶ୍ରଦ୍ଧାଳୁମାନେ ଏକତ୍ର ହୋଇ ଜଗତଜନନୀ ମା’ ଦୁର୍ଗାଙ୍କର ଆଶୀଷ ଲାଭ କରୁଛନ୍ତି ।  ପୂଜା ରୀତିନୀତି ଆଜି ସକାଳୁ ଆରମ୍ଭ ହୋଇଥିଲା । ଚଳିତ ବର୍ଷ ଅଧିକାଂଶ ପୂଜା ମଣ୍ଡପ ଗୁଡ଼ିକରେ ସୁନା ଓ ଚାନ୍ଦିର ମେଢ଼ ଶୋଭା ପାଉଛି । ପ୍ରତି ବର୍ଷ ଦୁର୍ଗାପୂଜା ମେଢ଼ରେ ସୁନା ଓ ଚାନ୍ଦିର

ବ୍ୟବହାର ପରିମାଣ ବୃଦ୍ଧି ପାଉଛି । ଚଳିତ ବର୍ଷ ପାଖାପାଖି ୧୭୦ଟି ପୂଜା ମଣ୍ଡପରେ ଜଗତ୍‌ଜନନୀ ମା' ଦୁର୍ଗା ଶ୍ରଦ୍ଧାଳୁମାନଙ୍କୁ ଦର୍ଶନ ଦେଉଛନ୍ତି । ଏଥର କଟକ ସହରରେ ୩୪ଟି ପୂଜା ମଣ୍ଡପରେ ଚାନ୍ଦି ମେଢ଼ ଶୋଭା ପାଉଛି । ପ୍ରତ୍ୟେକ ମେଢ଼ରେ ପାଖାପାଖି ୩ କୁଇଣ୍ଟାଲ ରୁପା ବ୍ୟବହୃତ ହୋଇଛି । ଏହାଛଡ଼ା ୫ଟି ପୂଜା ମଣ୍ଡପରେ ଦେବୀଙ୍କୁ ସ୍ୱର୍ଣ୍ଣ ମୁକୁଟ ଏବଂ ଅଳଙ୍କାରରେ ସଜ୍ଜିତ କରାଯାଇଛି ।

## ରାଷ୍ଟ୍ରପତି-ଦୁର୍ଗାପୂଜା

ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଦୁର୍ଗାପୂଜା ଅବସରରେ ଦେଶବାସୀ ଓ ବିଦେଶରେ ରହୁଥିବା ଭାରତୀୟଙ୍କୁ ଶୁଭେଚ୍ଛା ଜଣାଇଛନ୍ତି । ଏକ ବାର୍ତ୍ତାରେ ରାଷ୍ଟ୍ରପତି କହିଛନ୍ତି ଦୁର୍ଗାପୂଜାକୁ ମନ୍ଦ ଉପରେ ଭଲର ବିଜୟ ଭାବରେ ପାଳନ କରାଯାଏ । ମାଆ ଦୁର୍ଗାଙ୍କୁ ଶକ୍ତିର ପ୍ରତୀକ ବୋଲି ବିବେଚନା କରାଯାଏ । ରାଷ୍ଟ୍ରପତି କହିଛନ୍ତି ଏହା ଭକ୍ତିର ପର୍ବ ଏବଂ ଏହି ସମୟ ମଧ୍ୟରେ ଆମେ ଆମର ଆଧ୍ୟାତ୍ମିକ ଯାତ୍ରାକୁ ଚେତନାର ଉଚ୍ଚସ୍ତରକୁ ନେଇଥାଉ । ଏହି ପର୍ବ ମାଆ ଦୁର୍ଗାଙ୍କ ପ୍ରତି ନିଜକୁ ସଂପୂର୍ଣ୍ଣ ସମର୍ପିତ କରିବା ଏବଂ ସମସ୍ତ ଧର୍ମ ମଧ୍ୟରେ ଏକତା ଓ ବୁଝାମଣାକୁ ପ୍ରୋତ୍ସାହିତ କରିବାର ଏକ ଅବସର ।

ରାଷ୍ଟ୍ରପତି କହିଛନ୍ତି ମାଆ ଦୁର୍ଗା ଆମକୁ ଏକ ନ୍ୟାୟପୂର୍ଣ୍ଣ, ସମ୍ବେଦନଶୀଳ ଏବଂ ସମଭାବାପନ୍ନ ସମାଜ ଗଠନ ପାଇଁ ଶକ୍ତି, ସାହସ ଓ ସଂକଳ୍ପ ଦିଅନ୍ତୁ । ରାଷ୍ଟ୍ରପତି ଏହି ଅବସରରେ ମହିଳାମାନଙ୍କ ପ୍ରତି ଅତ୍ୟନ୍ତ ସମ୍ମାନର ସହ ବ୍ୟବହାର କରିବାକୁ ସଂକଳ୍ପ ନେବା ଲାଗି ଆହ୍ୱାନ ଦେଇଛନ୍ତି ।

## ଭାରତ-ଲେବାନନ

ଭାରତ ଲେବାନନର ବର୍ତ୍ତମାନର ସ୍ଥିତିକୁ ନେଇ ଚିନ୍ତା ପ୍ରକଟ କରିଛି । ନୂଆଦିଲ୍ଲୀ ପରିସ୍ଥିତି ଉପରେ ନଜର ରଖିଛି ଏବଂ ସେହି ଅଞ୍ଚଳରେ ସୁରକ୍ଷା ବିପର୍ଯ୍ୟସ୍ତ ହେବା ନେଇ ଚିନ୍ତା ପ୍ରକଟ କରିଛି ବୋଲି ବୈଦେଶିକ ମନ୍ତ୍ରଣାଳୟ ପକ୍ଷରୁ ଏକ ବିବୃତ୍ତିରେ କୁହାଯାଇଛି । ମନ୍ତ୍ରଣାଳୟ କହିଛି, ଜାତିସଂଘକୁ  ସମସ୍ତେ ସମ୍ମାନ ଦେବା ଉଚିତ୍ ଏବଂ ଏହାର ନିର୍ଦ୍ଦେଶ ପାଳନ କରିବା ଉଚିତ୍ । ଇସ୍ରାଏଲ୍ ଟ୍ୟାଙ୍କ୍‌ର ଗୁଳି ବର୍ଷଣ ଫଳରେ ଗତକାଲି ଜାତିସଂଘ ଶାନ୍ତିରକ୍ଷି ବାହିନୀର ଦୁଇ ଜଣ ସୈନିକ ଆହତ ହୋଇଥିଲେ । ଏହି ଘଟଣାକୁ ନେଇ ଜାତିସଂଘ ପକ୍ଷରୁ ଚେତାବନୀ ଜାରି କରାଯାଇଛି । ଇତିମଧ୍ୟରେ ଇସ୍ରାଏଲ୍ ସେନା ୱେଷ୍ଟବ୍ୟାଙ୍କ୍ ଅଞ୍ଚଳରେ ନୁର୍ ଶସ୍ମଶରଣାର୍ଥି ଶିବିରରେ  ମହମ୍ମଦ ଅବଦୁଲ୍ଲାର ମୃତ୍ୟୁ ପାଇଁ ନିଜକୁ ଦାୟୀ କରିଛି । ଅବଦୁଲ୍ଲା ପାଲେଷ୍ଟାଇନ୍ ଆତଙ୍କବାଦୀ ସମୂହ ଇସ୍‌ଲାମିକ୍ ଜିହାଦର ଶୀର୍ଷ କମାଣ୍ଡାର ବୋଲି କୁହାଯାଉଛି । ଅନ୍ୟ ପକ୍ଷରେ ଇସ୍ରାଏଲ୍

ସେନା  ଅବଦୁଲ୍ଲାକୁ ଅନେକ ଆକ୍ରମଣ ଓ ହିଂସାତ୍ମକ ଘଟଣାରେ ସାମିଲ ଥିଲା ବୋଲି କହିଛି ।

# ନୋବେଲ୍ ପ୍ରାଇଜ୍

ଜାପାନ୍‌ର ନିହନ ହିଡାମ୍‌କୋ ସଂସ୍ଥାକୁ ୨୦୨୪ ବର୍ଷ ପାଇଁ ଶାନ୍ତି କ୍ଷେତ୍ରରେ ନୋବେଲ୍ ପୁରସ୍କାର ଘୋଷଣା କରାଯାଇଛି । ଦ୍ୱିତୀୟ ବିଶ୍ୱଯୁଦ୍ଧ ସମୟରେ ହିରୋସିମା ଓ ନାଗାସାକିରେ ଘଟିଥିବା ପରମାଣୁ ବୋମା ବିସ୍ଫୋରଣରୁ ବର୍ତ୍ତି ଯାଇଥିବା କିଛି ପିଡ଼ିତଙ୍କୁ ନେଇ ଏହି ସଂସ୍ଥା କାର୍ଯ୍ୟ କରୁଛି । ସମଗ୍ର ବିଶ୍ୱକୁ ପରମାଣୁ ମୁକ୍ତ କରିବା ପାଇଁ ଏହି ସଂସ୍ଥା ଉଦ୍ୟମ ଜାରି ରଖିଛି । ଜାପାନ୍‌ରେ ଏହି ସଂସ୍ଥାକୁ ହିବାକୁଷା ବୋଲି ମଧ୍ୟ କୁହାଯାଏ । ଆଜି ନରୱେର ନୋବେଲ୍ ପ୍ରତିଷ୍ଠାନ ପକ୍ଷରୁ ଏ ନେଇ ଘୋଷଣା ହୋଇଛି ।

ସୂଚନା ଯୋଗ୍ୟ ଇରାନ୍‌ରେ ମହିଳା ଅତ୍ୟାଚାର ବିରୋଧି ସଂଗ୍ରାମରେ ଅଗ୍ରଣୀ ଭୂମିକା ନେଇଥିବା ମାନବୀୟ ଅଧିକାର କର୍ମୀ ନରଗେସ୍ ମହମ୍ମଦିଙ୍କୁ ୨୦୨୩ ମସିହାରେ ଶାନ୍ତି ପାଇଁ ନୋବେଲ୍ ପୁରସ୍କାର ପ୍ରଦାନ କରାଯାଇଥିଲା ।

# ଲଦାଖ-ଏକ୍ସପ୍ରିମେଣ୍ଟ

ପୂର୍ବ ଲଦାଖର ହେନିଲି ଠାରେ ପରମାଣୁ ଶକ୍ତି ବିଭାଗ ପକ୍ଷରୁ ଏକ ବୃହତ ପର୍ଯ୍ୟବେକ୍ଷଣକାରୀ ଦୂରବିକ୍ଷଣ ଯନ୍ତ୍ର ସ୍ଥାପନା କରାଯାଇଛି । ଏହି ଦୂରବିକ୍ଷଣ ଯନ୍ତ୍ର ଉଚ୍ଚଶକ୍ତି ସମ୍ପନ୍ନ ସୁପରନୋଭା ଭଳି ଗାମା ରଶ୍ମୀ, କୃଷ୍ଣ ଗର୍ତ୍ତ ଏବଂ ଗାମା ରଶ୍ମୀ ବିସ୍ଫୋଟକର ନିରୀକ୍ଷଣ କରିବ । ମହାକାଶ ବିଜ୍ଞାନ କ୍ଷେତ୍ରରେ ଭାରତର ସ୍ଥିତିକୁ ଏହା ଶକ୍ତି ପ୍ରଦାନ କରିବ । ଏହି ଦୂରବିକ୍ଷଣ ଯନ୍ତ୍ରକୁ ଏସିଆ ମହାଦେଶରେ ସବୁଠାରୁ ବଡ଼ ଚେରେନ୍‌କୋପ୍ ଦୂରବିକ୍ଷଣ ଯନ୍ତ୍ରଣର ମାନ୍ୟତା ମିଳିଛି । ୪ହଜାର ୩୦୦ ମିଟର ଉଚ୍ଚରେ ସ୍ଥାପିତ ହୋଇଥିବାରୁ ଏହା ପୃଥିବୀରେ ସବୁଠାରୁ ଉଚ୍ଚରେ ସ୍ଥାପିତ ଟେଲିସ୍କୋପ୍ ଅଟେ । ଏହି ଟେଲିସ୍କୋପ୍‌କୁ ଭାବା ପରମାଣୁ ଅନୁସନ୍ଧାନ କେନ୍ଦ୍ର ତଥା ଭାରତୀୟ ଉଦ୍ୟୋଗ ଭାଗିଦାରୀମାନଙ୍କ ସହଯୋଗରେ ନିର୍ମାଣ କରାଯାଇଛି ।

# ମହିଳା ଟି-୨୦ ବିଶ୍ୱକପ୍

ଆଇସିସି ମହିଳା ଟି-୨୦ ବିଶ୍ୱକପ୍‌ରେ ଆଉ କିଛି ସମୟ ପରେ ଗ୍ରୁପ୍-ଏ ର ଏକ ମ୍ୟାଚ୍‌ରେ ଅଷ୍ଟ୍ରେଲିଆ ଓ ପାକିସ୍ତାନ ମଧ୍ୟରେ ମୁକାବିଲା ହେବ । ଭାରତୀୟ ସମୟ ସନ୍ଧ୍ୟା ୭ଟା ୩୦ ମିନିଟ୍‌ରେ ମ୍ୟାଚ୍ ଆରମ୍ଭ ହେବ ।

ଅନ୍ୟ ପକ୍ଷରେ ଭାରତୀୟ ମହିଳା ଦଳ ନିଜ ଗ୍ରୁପ୍‌ରେ ଆଉ ଗୋଟିଏ ମ୍ୟାଚ୍ ଖେଳିବ । ଆସନ୍ତା ରବିବାର ଭାରତୀୟ ଟିମ୍ ଅଷ୍ଟ୍ରେଲିଆ ସହ ମୁକାବିଲା କରିବ । ଶେଷ ୪ଟି ଟିମ୍ ମଧ୍ୟରେ ନିଜ ସ୍ଥାନ ପକ୍କା କରିବା ଲାଗି ଭାରତକୁ ଏହି ମ୍ୟାଚ୍ ଜିତିବାକୁ ପଡ଼ିବ ।

## କେରଳ-ମୁରାଇନ୍ ଟାଇଫୁସ୍

କାମ୍ବୋଡ଼ିଆରୁ ଫେରିଥିବା କେରଳର ଜଣେ ରୋଗି ଠାରେ ମୁରାଇନ୍ ଟାଇଫୁସ୍‌ର ବିଜାଣୁ ଠାବ କରାଯାଇଛି । ଏହି ରୋଗ ବିଜାଣୁ ଜନିତ ଅଟେ, ଯାହାକି ମଣିଷମାନଙ୍କୁ ମାଛି ମାଧ୍ୟମରେ ସଂକ୍ରମିତ ହୋଇଥାଏ । କିନ୍ତୁ ସାଧାରଣ ଭାବେ ଏହି ରୋଗ ଗୋଟିଏ ମଣିଷ ପାଖରୁ ଆଉ ଗୋଟିଏ ମଣିଷକୁ ସଂକ୍ରମିତ ହୋଇନଥାଏ । ରିପୋର୍ଟ୍ ଅନୁସାରେ ରୋଗିର ସ୍ୱାସ୍ଥ୍ୟାବସ୍ଥା ସ୍ଥିର ରହିଛି ଏବଂ ଥିରୁଅନନ୍ତପୁରମ୍‌ର ଏକ ଘରୋଇ ହସ୍ପିଟାଲ୍‌ରେ ତାର ଚିକିତ୍ସା ଜାରି ରହିଛି ।